# NATIONAL NEWS BULLETIN (ODIA)

## 17th May - 2026

## Evening Bulletin : 7.15 p.m.

************************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ସ୍ୱିଡେନ୍ ଗସ୍ତରେ ଯାଇ ଗୋଥେନ୍‌ବର୍ଗରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

— ସ୍ୱିଡିସ୍ ପ୍ରତିପକ୍ଷଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା ।

- ଆସନ୍ତା ୨୫ ତାରିଖରେ ରାଷ୍ଟ୍ରପତି ପ୍ରଦାନ କରିବେ ପଦ୍ମ ପୁରସ୍କାର ।

— ଚଳିତ ବର୍ଷପାଇଁ ପୁରସ୍କାର ପାଇବେ ୧୩୧ ଜଣ ।

- କେରଳମ୍‌ର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତାକାଲି ଶପଥ ଗ୍ରହଣ କରିବେ କଂଗ୍ରେସ ନେତା ଭି.ଡି. ସତୀସନ୍ ।

- ହର୍ମୁଜ ପ୍ରଣାଳୀ ଦେଇ ଶତ୍ରୁପକ୍ଷ ସାମରିକ ଉପକରଣ ପରିବହନକୁ ଅନୁମତି ପ୍ରଦାନ କରାଯିବ ନାହିଁ; ଇରାନ୍‌ର ଘୋଷଣା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲ୍‌ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କଲା ଦିଲ୍ଲୀ କ୍ୟାପିଟାଲ୍‌ସ୍ ।

## ପି.ଏମ୍. - ସ୍ୱିଡେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ସ୍ୱିଡେନ ଗସ୍ତରେ ଯାଇ ଗୋଥେନବର୍ଗରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତର ଏହା ହେଉଛି ତୃତୀୟ ପର୍ଯ୍ୟାୟ । ସେଠାରେ ଶ୍ରୀ ମୋଦୀ ତାଙ୍କର ସ୍ୱିଡିସ ପ୍ରତିପକ୍ଷ ଉଲ୍‌ଫ କ୍ରିଷ୍ଟରସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ବାଣିଜ୍ୟ, କୃତ୍ରିମ ବୁଦ୍ଧିମତା, ଆଧୁନିକ ପ୍ରଯୁକ୍ତିବିଦ୍ୟା, ଷ୍ଟାଟ୍‌ଅପ୍, ନିରନ୍ତର ଯୋଗାଣ ଶୃଙ୍ଖଳ, ମହାକାଶ, ଜଳବାୟୁ ପରିବର୍ତ୍ତନ ଏବଂ ଲୋକସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବ । ୟୁରୋପୀୟ କମିଶନ୍'ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍‌ଙ୍କ ସହିତ ୟୁରୋପୀୟ ଶିଳ୍ପ ଗୋଲଟେବୁଲ ବୈଠକକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଗୋଥେନବର୍ଗ ଯିବା ପୂର୍ବରୁ ଶ୍ରୀ ମୋଦି ନେଦରଲ୍ୟାଣ୍ଡ୍‌ସକୁ ଦୁଇଦିନିଆ ଗସ୍ତ ଶେଷ କରିଥିଲେ । ଆମ୍‌ଷ୍ଟରଡାମ୍ ବିମାନ ବନ୍ଦରଠାରେ ଡଚ୍ ପ୍ରତିପକ୍ଷ ରବ୍ ଜେଟେନ୍ ବ୍ୟକ୍ତିଗତ ଭାବେ ଶ୍ରୀ ମୋଦିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ନେଦରଲ୍ୟାଣ୍ଡ୍‌ସକୁ ଗସ୍ତ ଅବସରରେ ଶ୍ରୀ ମୋଦି ତାଙ୍କ ଡଚ୍

ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଏବଂ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ୧୭ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ନେଦରଲ୍ୟାଣ୍ଡସ୍ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ତ୍ୱରାନ୍ୱିତ କରିଛି । ଉଭୟ ଦେଶ ରଣନୈତିକ ସହଭାଗିତାକୁ ଉନ୍ନତ କରିବା ଏବଂ ଜଳସମ୍ପଦ, ନବସୃଜନ, ପ୍ରତିରକ୍ଷା, ସେମିକଣ୍ଡକ୍ଟର ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଭବିଷ୍ୟତର ରୂପରେଖ ପ୍ରସ୍ତୁତ ଉପରେ ମତ ବିନିମୟ ହୋଇଛି । ଆଗାମୀ ଦିନରେ ଦ୍ୱିପାକ୍ଷିକ ବନ୍ଧୁତ୍ୱ ସମ୍ପର୍କ ଆହୁରି ମଜବୁତ ହେବ ବୋଲି ଶ୍ରୀ ମୋଦି ଆଶାବ୍ୟକ୍ତ କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦି ଭାରତର ସାମୁଦ୍ରିକ ଭିତ୍ତିଭୂମି, ନବୀକରଣୀୟ ଶକ୍ତି, ଡିଜିଟାଲ୍ କ୍ଷେତ୍ର, କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଏବଂ ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ରହିଥିବା ସୁଯୋଗର ଉପଯୋଗ କରିବାକୁ ଡଚ୍ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି ।

## ପ୍ରେଜ୍ - ପଦ୍ମ ଆୱାର୍ଡସ୍

ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ଆସନ୍ତା ୨୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ

ପୁରସ୍କାର ପ୍ରଦାନ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ନାଗରିକ ଅଳଂକରଣ ସମାରୋହରେ ରାଷ୍ଟ୍ରପତି ମନୋନୀତ ବ୍ୟକ୍ତିବିଶେଷଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ । ଚଳିତ ବର୍ଷ ମୋଟ୍ ୧୩୧ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୫ ଜଣ ପଦ୍ମବିଭୂଷଣ, ୧୩ ଜଣ ପଦ୍ମଭୂଷଣ ଓ ୧୧୩ ଜଣ ପଦ୍ମଶ୍ରୀ ପୁରସ୍କାର ପାଇବେ ।  ମନୋନୀତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ୧୯ ଜଣ ମହିଳା ଥିବାବେଳେ ମରଣୋତ୍ତର ଭାବେ ୧୬ ଜଣ ରହିଛନ୍ତି । ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାବେ ପଦ୍ମ ପୁରସ୍କାର ୧୯୫୪ ମସିହାରେ ପ୍ରତିଷ୍ଠା କରାଯାଇଥିଲା । ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପଦ୍ମ ସମ୍ମାନରେ ସମ୍ମାନିତ ହେବାକୁ ଥିବା ବ୍ୟକ୍ତିବିଶେଷଙ୍କ ନାମ ଘୋଷଣା କରାଯାଇଥାଏ । କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ଔଷଧ, ସମାଜସେବା, ବିଜ୍ଞାନ, ବୈଷୟିକ, ସାର୍ବଜନୀନ ବ୍ୟାପାର, ବାଣିଜ୍ୟ ଏବଂ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।

## କେରଳମ୍ - ଗଭ୍. ଫର୍ମେସନ୍

କେରଳମ୍ର ନୂତନ ମୁଖ୍ୟମନ୍ତ୍ରୀ ଭାବେ କଂଗ୍ରେସ ନେତା ଭି.ଡି. ସତୀସନ୍ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

ତିରୁବନନ୍ତପୁରମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଶ୍ରୀ ସତୀସନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ୨୦ ଜଣ ମନ୍ତ୍ରିମଣ୍ଡଳର ସଦସ୍ୟ ଭାବେ ଶପଥ ଗ୍ରହଣ କରିବେ । କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. କେରଳମ୍ ବିଧାନସଭା ନିର୍ବାଚନରେ ଦୁଇ-ତୃତୀୟାଂଶରୁ ଅଧିକ ଆସନରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଛି ।

## ପ୍ରେଜ୍-ଏସ୍.ସି. ଜଜ୍

ସୁପ୍ରିମ୍‌କୋର୍ଟ (ବିଚାରପତି ସଂଖ୍ୟା) ସଂଶୋଧନ ଅଧ୍ୟାଦେଶ-୨୦୨୬ ବଳରେ ସର୍ବୋଚ୍ଚ ଅଦାଲତରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଛି । ପ୍ରଧାନ ବିଚାରପତିଙ୍କୁ ଛାଡ଼ି ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନକ୍ରମେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଅଧ୍ୟାଦେଶଦ୍ୱାରା ସୁପ୍ରିମ୍‌କୋର୍ଟ ବିଚାରପତି ସଂଖ୍ୟା ଆଇନ-୧୯୫୬ରେ ସଂଶୋଧନ କରାଯାଇଛି । ଏହାଫଳରେ ସର୍ବୋଚ୍ଚ ଅଦାଲତର ବିଚାରପତିଙ୍କ ସଂଖ୍ୟା ୩୮ରେ ପହଞ୍ଚିଛି ।

# ଇରାନ୍ - ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍

ହର୍ମୁଜ୍ରୁ ପ୍ରଣାଳୀ ଦେଇ ଶତ୍ରୁପକ୍ଷ ସାମରିକ ଉପକରଣ ପରିବହନକୁ ଏଣିକି ଆଉ ଅନୁମତି ପ୍ରଦାନ କରାଯିବ ନାହିଁ ବୋଲି ଇରାନ୍ ଘୋଷଣା କରିଛି । ଦେଶର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ରେଜା ଆରେଫ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପୂର୍ବରୁ ଏହି ଜଳପଥ ଉପରେ ତେହେରାନ୍ ନିଜର ପୂର୍ଣ୍ଣ ସାର୍ବଭୌମତ୍ୱ ପ୍ରୟୋଗ କରିବାରୁ ନିବୃତ୍ତ ରହିଥିଲା । ଏବେ ଏହି ନୀତିରେ ପରିବର୍ତ୍ତନ କରାଯିବ ।

ଇରାନ୍ ସଂସଦର ଜାତୀୟ ସୁରକ୍ଷା କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଗତକାଲି ଏ ସମ୍ପର୍କରେ ଘୋଷଣା କରି କହିଛନ୍ତି, ହର୍ମୁଜ ପ୍ରଣାଳୀରେ ଏକ ନିର୍ଦ୍ଦିଷ୍ଟ ମାର୍ଗ ଦେଇ ସାମୁଦ୍ରିକ ଯାତାୟାତକୁ ନିୟନ୍ତ୍ରଣ କରିବାପାଇଁ ଇରାନ୍ ଏକ ବୃତ୍ତିଗତ ବ୍ୟବସ୍ଥା ବିକଶିତ କରିଛି । ବାଣିଜ୍ୟିକ ଜାହାଜ ଏବଂ ଇରାନ୍‌କୁ ସହଯୋଗ ପ୍ରଦାନ କରୁଥିବା ଦେଶଗୁଡ଼ିକର ଗମନାଗମନକୁ ଏଣିକି ଅନୁମତି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଆମେରିକାର ତଥାକଥିତ ସ୍ୱାଧୀନତା ପ୍ରକଳ୍ପ ସହିତ ଜଡ଼ିତ ଅଂଶୀଦାରଙ୍କୁ ପ୍ରସ୍ତାବିତ ମାର୍ଗରେ ପ୍ରବେଶପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଶ୍ରୀ ଅଜିଜି ସ୍ପଷ୍ଟ କରିଛନ୍ତି ।

# ୟୁକ୍ରେନ୍-ରୁଷ ୱ୍ୱାର୍

ରୁଷ୍‌ର ମସ୍କୋ ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ ଫଳରେ ୪ ଜଣ ଯାତ୍ରୀଙ୍କର ପ୍ରାଣହାନୀ ଘଟିଛି । ମସ୍କୋ ନିକଟବର୍ତ୍ତୀ ପୋଗୋରେଲ୍‌କି ଗ୍ରାମରେ ଏକ ଘରେ ଡ୍ରୋନ୍ ଆକ୍ରମଣ ହେବାରୁ ଜଣେ ମହିଳାଙ୍କର ମୃତ୍ୟୁ ହେବା ସହ ଘରର ଭଙ୍ଗାରୁଜା ଅଂଶରେ ପୋତିହୋଇ ୨ ଜଣଙ୍କର ମୃତ୍ୟୁ ହୋଇଛି । ଡ୍ରୋନ୍ ଆକ୍ରମଣ ଫଳରେ ଅଧିକାଂଶ କୋଠା ଏବଂ ଭିତ୍ତିଭୂମି ଧ୍ୱଂସ ହୋଇଛି । ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ କହିଛନ୍ତି, ଗତକାଲି ବିଳମ୍ବିତ ରାତିରେ ଏକ ତୈଳ ବିଶୋଧନାଗାର ନିକଟରେ ଆକ୍ରମଣ ଫଳରେ ୧୨ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ରୁଷ୍‌ର ପଦାଧିକାରୀମାନେ କହିଛନ୍ତି, ମସ୍କୋ ଅଭିମୁଖେ ଆସିଥିବା ୮୧ଟି ଡ୍ରୋନ୍‌କୁ ପ୍ରତିହତ କରାଯାଇଛି । ରୁଷ୍‌ର କିଭ୍ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣର ଦିନକ ପରେ ୟୁକ୍ରେନ୍ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା । ରୁଷ୍‌ର ଆକ୍ରମଣ ଫଳରେ ୟୁକ୍ରେନ୍‌ର ୨୪ ଜଣ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଥିଲା ।

# ବୈଷ୍ଣବ - ଏକ୍ସପ୍ରେସ୍ ଟ୍ରେନ୍

କର୍ଣ୍ଣାଟକ ଓ ମହାରାଷ୍ଟ୍ର ମଧ୍ୟରେ ରେଳ ସଂଯୋଗର ଉନ୍ନତି କରିବା ଲକ୍ଷ୍ୟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁ-ମୁମ୍ବାଇ ମଧ୍ୟରେ

ନୂତନ ଏକ୍ସପ୍ରେସ ଟ୍ରେନ୍ ସେବାର ଶୁଭାରମ୍ଭ କରିଛନ୍ତି । ଆୟୋଜିତ ସମାରୋହରେ ଶ୍ରୀ ବୈଷ୍ଣବ କହିଛନ୍ତି, ଦକ୍ଷିଣ ଏବଂ ଉତ୍ତର କର୍ଣ୍ଣାଟକର ବହୁଦିନ ଧରି ରହିଥିବା ଦାବି ପୂରଣ ହୋଇଛି । ମନ୍ତ୍ରୀ ଆହୁରି କହିଛନ୍ତି, ବେଙ୍ଗାଲୁରୁ ଓ ମୁମ୍ବାଇ ମଧ୍ୟରେ ଖୁବ୍ ଶୀଘ୍ର ବନ୍ଦେଭାରତ ସ୍ଲିପର ରେଳସେବା ଆରମ୍ଭ କରାଯିବ । ରେଳ ଭିତ୍ତିଭୂମିର ପ୍ରସାର ସମ୍ପର୍କରେ ଶ୍ରୀ ବୈଷ୍ଣବ କହିଛନ୍ତି, କର୍ଣ୍ଣାଟକରେ ବର୍ତ୍ତମାନ ୧୨ ଯୋଡ଼ା ବନ୍ଦେଭାରତ ଟ୍ରେନ୍‌ସେବା ଜାରି ରହିଛି । ବେଙ୍ଗାଲୁରୁ-ହାଇଦ୍ରାବାଦ-ଚେନ୍ନାଇ ମଧ୍ୟରେ ବୁଲେଟ୍ ଟ୍ରେନ୍ କରିଡର ସଂଯୋଗୀକରଣକୁ ମଧ୍ୟ ଅନୁମୋଦନ କରାଯାଇଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଖୁବ୍‌ଶୀଘ୍ର ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରକୁ ୭ ହଜାର କିଲୋମିଟର ବ୍ୟାପୀ ରେଳପଥ ପ୍ରଶସ୍ତୀକରଣ କରାଯିବାର ଯୋଜନା ରହିଛି । ବେଙ୍ଗାଲୁରୁ ସବ୍-ଅର୍ବାନ୍ ରେଲ୍‌ୱେ ପ୍ରକଳ୍ପ ମାଧ୍ୟମରେ ୪ଟି କରିଡର୍‌କୁ ସଂଯୋଗୀକରଣ କରିବା କାର୍ଯ୍ୟ ଜାରି ରହିଛି ।

ସମାରୋହକୁ ଉଦ୍‌ବୋଧନ ଦେଇ ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା କହିଛନ୍ତି, ବନ୍ଦେଭାରତ ସ୍ଲିପର ରକ୍ଷଣାବେକ୍ଷଣ ଡିପୋ ଥାନିସାନ୍ଦ୍ରାଠାରେ ୨୭୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯିବ । ବେଙ୍ଗାଲୁରୁ ଏସ୍.ଏମ୍.ଭି.ଟି.ଠାରେ ଏକ ଚେୟାର୍ କାର୍ ରକ୍ଷଣାବେକ୍ଷଣ ସୁବିଧା କେନ୍ଦ୍ର ୫୨ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯିବ ।

# ସି.ବି.ଏସ୍.ଇ. - ଅନ୍‌ସ୍କ୍ରିନ୍ ମାର୍କିଂ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ୍ - ସି.ବି.ଏସ୍.ଇ.ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅନ୍‌ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥା ମୂଲ୍ୟାଙ୍କନ ପ୍ରକ୍ରିୟା ସ୍ୱଚ୍ଛତା ଓ ବିଶ୍ୱସନୀୟତା ବୃଦ୍ଧି କରିଛି ବୋଲି ସରକାର କହିଛନ୍ତି । ନୂଆଦିଲ୍ଲୀରେ ଆଜି ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ଉପରେ ମତଦେଇ କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର କହିଛନ୍ତି, ଛାତ୍ରଛାତ୍ରୀଙ୍କପାଇଁ ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । କୌଣସି ପରୀକ୍ଷାର୍ଥୀ ଯୋଗ୍ୟତାଠାରୁ କମ୍ ମାର୍କ ପାଇଥିବା ଅନୁଭବ କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ଚଳିତ ଥର ମୂଲ୍ୟାଙ୍କନ ଏବଂ ପାସ୍‌ହାର ନେଇ ଛାତ୍ରଛାତ୍ରୀ ଚିନ୍ତା ପ୍ରକଟ କରିଛନ୍ତି । ଶ୍ରୀ କୁମାର କହିଛନ୍ତି, ଅନ୍‌ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥା ଚଳିତ ବର୍ଷ ସି.ବି.ଏସ୍.ଇ.ଦ୍ୱାରା ପ୍ରଚଳନ କରାଯାଇଛି । ୨୦୧୪ ମସିହାରୁ ବହୁ ବିଶ୍ୱବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ବୋର୍ଡ୍ ଏହି ବ୍ୟବସ୍ଥାକୁ ବହୁଳଭାବେ ବ୍ୟବହାର କରିଆସୁଛନ୍ତି । ପ୍ରାୟ ୯୮ ଲକ୍ଷ ଉତ୍ତର ଖାତା ବିଭିନ୍ନ ସ୍ତର ସୁରକ୍ଷା ଓ ଗୁଣବତ୍ତା ଯାଞ୍ଚ୍ ପରେ ଡିଜିଟାଲ ଭାବରେ ସ୍କାନିଂ କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା । ସେ କହିଛନ୍ତି, ଏହାଦ୍ୱାରା ତ୍ରୁଟି ହ୍ରାସ ପାଇବା ସହ ସଠିକ୍ ମୂଲ୍ୟାଙ୍କନ ସୁନିଶ୍ଚିତ ହୋଇଥାଏ । ଏପରିକି ଆବଶ୍ୟକସ୍ଥଳେ ଛାତ୍ରଛାତ୍ରୀଙ୍କୁ ଉତ୍ତରଖାତା ପ୍ରଦାନ କରିବା ସହଜ ଏବଂ ସରଳ ହୋଇଥାଏ । ପୁନଃ ମୂଲ୍ୟାଙ୍କନ ପ୍ରସଙ୍ଗରେ ସୂଚନା ଦେଇ ସେ

କହିଛନ୍ତି, ଏବାବଦରେ ମୋଟ୍ ଦେୟପ୍ରଦାନ ହ୍ରାସ କରାଯାଇଛି । ଉତ୍ତରଖାତା ପାଇବା ଏବଂ ଯାଞ୍ଚପାଇଁ ୧୦୦ ଟଙ୍କା ଲେଖାଏଁ ଏବଂ ପୁନଃ ମୂଲ୍ୟାୟନପାଇଁ ପ୍ରଶ୍ନ ପିଛା ୨୫ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି । ପୁନଃ ମୂଲ୍ୟାୟନ ପରେ ମାର୍କ ବୃଦ୍ଧି ପାଇଲେ ଏହି ଦେୟ ଫେରସ୍ତ କରାଯିବାର ବ୍ୟବସ୍ଥା ରହିଛି ବୋଲି ଶ୍ରୀ କୁମାର କହିଛନ୍ତି । ପୁନଃ ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ୧୯ ତାରଖରୁ ଆରମ୍ଭ ହେବ । ପ୍ରତ୍ୟେକ ପଦକ୍ଷେପକୁ ନିରପେକ୍ଷତା ଓ ସମ୍ବେଦନଶୀଳତାର ସହ ସମାଧାନ କରାଯିବ । ଉପଲବ୍ଧ ପଦ୍ଧତି ବ୍ୟବହାର କରିବାକୁ ଶ୍ରୀ କୁମାର ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ଅନୁରୋଧ କରିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଖେଳ ଆରମ୍ଭ ହେବ । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍‌ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଆଜିର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ପରାସ୍ତ ହୋଇଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗ୍‌ସକୁ ୨୩ ରନ୍‌ରେ ପରାସ୍ତ କରିଛି ।

ଟସ୍ ଜିତି ପଞ୍ଜାବ କିଙ୍ଗ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୨୨୨ ରନ୍ ସଂଗ୍ରହ କରିଛି । ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୯୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

## ଚୀନ୍-ମାଷ୍ଟର୍ସ

ଚୀନ୍‌ରେ ଅନୁଷ୍ଠିତ ବାଓଜୀ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ସିଙ୍ଗଲ୍‌ସରେ ଭାରତର ଶ୍ରୀୟାସି ଭାଲିସେଟ୍ଟୀ ରୌପ୍ୟପଦକ ହାସଲ କରିଛନ୍ତି । ସେ ତାଙ୍କର ପ୍ରତିପକ୍ଷ ଆନ୍ କି ୟୁଆନ୍‌ଙ୍କଠାରୁ ସିଧାସଳଖ ୧୪-୨୧, ୬-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି ।

*****